ଶନିବାର ,୨୭ ଜାନୁଆରୀ, ୨୦୨୪

# ପିଲାଙ୍କ ଧରିତ୍ରୀ

ଧରିତ୍ରୀ DHARITRI 50 Years



# ଖିଲି ଖିଲି ହସ

ଥରେ ଚିଣ୍ଟୁ ଦାନ୍ତରେ ପୋକ ଲାଗିବାରୁ ସେ ଡାକ୍ତରଙ୍କ ନିକଟକୁ ଗଲା । ଡାକ୍ତର ଦେଖି ପଚାରିଲେ କ'ଣ ହେଲା ?
ଚିଣ୍ଟୁ: ସାର୍ ,ମୋ ଦାନ୍ତରେ ପୋକ ଲାଗିଛି ତାକୁ କିପରି କାଢ଼ିବି ?
ଡାକ୍ତର: ଚିଣ୍ଟୁ, ତୁମେ ଗୋଟେ କାମ କର, ୪ଦିନ ସକାଳ ସନ୍ଧ୍ୟାରେ ଚା ସହିତ ବିସ୍କୁଟ୍ ଖାଅ । ପାଞ୍ଚଦିନ ଖାଲି ଚା' ପିଅ ।
ଚିଣ୍ଟୁ: ପାଞ୍ଚଦିନ ସେଇଆ କଲା । ଏହାଦେଖି ଚିଣ୍ଟୁର ଦାନ୍ତରେ ଲାଗିଥିବା ପୋକ ବାହାରି ଚିଣ୍ଟୁକୁ ପଚାରିଲା ଆଜି କ'ଣ ବିସ୍କୁଟ୍ ସରିଯାଇଛି, ଖାଲି ଚା ।

---

ଦୁଇଜଣ ବ୍ୟକ୍ତି ଝଗଡ଼ା କରୁଥିଲେ । ଏହାଦେଖି ତୃତୀୟ ବ୍ୟକ୍ତି କହିଲା– ଆରେ ତୁମେମାନେ ଝଗଡ଼ା କାହିଁକି କରୁଛ ?
ପ୍ରଥମ ବ୍ୟକ୍ତି: ମୁଁ ପିଆଜ ରସୁଣ ଖାଏନି,ସେ ଜାଣିଛି, ହେଲେ ଚିକେନ୍‌ରେ କାହିଁକି ପିଆଜ ରସୁଣ ପକାଇଲା, ମୁଁ ତାକୁ କେମିତି ଖାଇବି ?

---

ସିଲିଣ୍ଡର ପାଇଁ ଲମ୍ବା ଲାଇନ୍ ଦେଖି ରାଜୁ କହିଲା– ମୁଁ ଏବେ ଯାଉଛି ଗ୍ୟାସ ଏଜେନ୍ସି ମାଲିକକୁ ଜୋତା ମାରିକି ଆସୁଛି ।
କିଛି ସମୟ ପରେ ରାଜୁ ପୁଣି ସେଇ ଲାଇନ୍‌ରେ ଠିଆ ହୋଇଥିବାର ଦେଖି ଅମିତ୍ ପଚାରିଲା– ଜୋତା ମାରି ଆସିଲୁ ରାଜୁ ?
ରାଜୁ: ସାଙ୍ଗ, କେଉଁଠି ଜୋତା ମାରିବି, ସେଠି ତ ଆହୁରି ଲମ୍ବାଲାଇନ୍ ଲାଗିଛି ।

# ଜୀବନଟା ବଦଳିଗଲା



ଗପ

ଥରେ ଜଣେ ଭିକାରି ରେଳଗାଡ଼ି ପାଖରେ ଠିଆ ହୋଇ ଭିକ ମାଗୁଥାଏ । ସେହି ଗାଡ଼ିରେ ଜଣେ କୋଟ୍ ପିନ୍ଧିଥିବା ସାହେବ ଯାତ୍ରା କରୁଥାଆନ୍ତି । ତାଙ୍କଠାରୁ ଅଧିକ ପଇସା ପାଇବା ଆଶାରେ ଭିକାରି ଜଣଙ୍କ ସାହେବଙ୍କୁ କହିଲା, 'ଆଜ୍ଞା, ମୁଁ ଜଣେ ଗରିବ ଲୋକ, ଭିକ ମିଳୁ ।' ଥରେ ଦୁଇଥର ଧୀରେ ଧୀରେ କହିବା ପରେ ଭିକାରି ଜଣକ ବଡ଼ ପାଟିରେ ଭିକ ମାଗିଲା ।

ରେଳ ଷ୍ଟେଶନର କୋଳାହଳ ମଧ୍ୟରେ ସାହେବଙ୍କୁ ଭିକାରିର କଥା ସ୍ପଷ୍ଟ ଭାବରେ ଶୁଣାଯାଉ ନ ଥାଏ । ଶେଷରେ ବିରକ୍ତ ହୋଇ ସେ କହିଲେ, 'ତୁମେ କାହାକୁ କ'ଣ ଦେଉଛ ଯେ ମୁଁ ତୁମକୁ ଭିକ ଦେବି ? ଟଙ୍କାଟିଏ ଦେବାର ପ୍ରଶ୍ନ ଉଠୁନାହିଁ ।' ଏକଥା ଶୁଣିବା ପରେ ଭିକାରି ଜଣକ ଦୁଃଖିତ ହୋଇ କହିଲା, 'ଠିକ୍ ଅଛି ମୁଁ ଲୋକମାନଙ୍କୁ କିଛି ନ ଦେବା ଯାଏ ଭିକ ମାଗିବି ନାହିଁ ।' ଏତକ କହୁ କହୁ ସେ କାନ୍ଦି ପକାଇଲା । କାରଣ ସାହେବଙ୍କ କଥା ତା' ମନକୁ ଭାରି ବାଧିଲା । ଭିକାରି ମନେ ମନେ ଭାବିଲା–ମୁଁ ସିନା ଅଭାବୀ ମଣିଷ, ସେଥିପାଇଁ ଏକଥା ଶୁଣିବାକୁ ମିଳିଲା । ଯେତେ ପର୍ଯ୍ୟନ୍ତ କାହାକୁ କିଛି ନ ଦେଇଛି, ସେଯାଏ କେବେହେଲେ କିଛି ମାଗିବି ନାହିଁ ।

ଅଭାବରେ ପଡ଼ି ଏଭଳି ଭିକ୍ଷାବୃତ୍ତିକୁ ଆଦରି ନେଇଥିବା ଭିକାରିକୁ ଏକଥା ଏତେ ବାଧିଥିଲା ଯେ ଦୁଇ–ତିନି ଦିନ ପର୍ଯ୍ୟନ୍ତ କିଛି ନ ଖାଇ ଉପାସରେ ଖାଲି ପାଣି ପିଇ ରହିଲା । କ'ଣ କରିବ ? ଚିନ୍ତା କରି ରେଳଲାଇନ୍ ପାଖରେ ରହୁଥିବା ଜଣେ ରେଳ କର୍ମଚାରୀଙ୍କ ସହ କଥା ହୋଇ ତାଙ୍କ ବାଡ଼ିରେ କିଛି ଫୁଲଗଛ ଲଗାଇଲା । ଫୁଲ ଫୁଟିବା ପରେ ତାହାକୁ ବିକି କିଛି ପଇସା ରୋଜଗାର ମଧ୍ୟ କଲା । ଧୀରେ ଧୀରେ ତା'ର ମନ ଖୁସି ହୋଇଗଲା । ଫୁଲ ବିକି ପଇସା ରୋଜଗାର କରିବା ଦିନଠାରୁ ଭିକାରିଜଣକ ଆଉ ଷ୍ଟେଶନକୁ ଭିକ ମାଗିବାକୁ ଗଲା ନାହିଁ । ସେପଟେ ମଝିରେ ମଝିରେ ଯା'ଆସ କରୁଥିବା ସେହି ସାହେବ ଭିକାରି ଜଣକ ଫୁଲ ବିକୁଥିବା ଦେଖି ଭାରି ଖୁସି ହେଉଥାଆନ୍ତି । କିନ୍ତୁ ସେ ଭିକାରିଟିକୁ ଚିହ୍ନା ଦେଉ ନ ଥାନ୍ତି । କିଛି ମାସ ପରେ ସେହି ଭିକାରି ରେଳ କର୍ମଚାରୀଙ୍କ ବାଡିରେ ଫୁଲଚାଷ ବନ୍ଦ କରି ନିକଟସ୍ଥ ଗାଁରେ ରହୁଥିବା ଜଣେ ଚାଷୀଙ୍କ ବିଲରେ ଫୁଲଚାଷ ଆରମ୍ଭ କଲା । ଫୁଲବେପାରୀମାନେ ସେଠାକୁ ଆସି ଫୁଲ ନେଇଗଲେ । ଫଳରେ ତାକୁ ଆଉ ବୁଲି ବୁଲି ଫୁଲ ବିକିବାକୁ ପଡ଼ିଲା ନାହିଁ । ଧୀରେ ଧୀରେ ସେ ସୁନ୍ଦର ଗଜରା, ଫୁଲତୋଡ଼ା ତିଆରି କରି ସମ୍ବର୍ଦ୍ଧନା, ଜନ୍ମଦିନ ଏବଂ ଉତ୍ସବ ସ୍ଥଳକୁ ପଠାଇଲା ଆଉ ବହୁତ ପଇସା ରୋଜଗାର କଲା ।

କିଛି ବର୍ଷ ପରେ ସେହି ଭିକାରିର ରୂପଭେକ ବଦଳି ଗଲା । ସେ ପ୍ୟାଣ୍ଟ କୋର୍ଟ ପିନ୍ଧି ବୁଲିଲା । ଥରେ ସେ ଏଭଳି ପୋଷାକରେ ଟ୍ରେନ୍‌ରେ ଯାଉଥାଏ । ଅକସ୍ମାତ ସେହି ସାହେବଙ୍କ ସହ ତା'ର ଭେଟ ହୋଇଗଲା । କିନ୍ତୁ ସେହି ସାହେବ ଜଣକ ଭିକାରିରୁ ସାହେବ ପାଲଟି ଯାଇଥିବା ଲୋକଟିକୁ ଚିହ୍ନିପାରିଲେ ନାହିଁ । କିନ୍ତୁ ଭିକାରି ଜଣକ ସାହେବଙ୍କୁ ଚିହ୍ନି ତାଙ୍କୁ ନମସ୍କାର କଲା ଏବଂ କୃତଜ୍ଞତା ଜଣାଇଲା । ନିଜର ଉଦ୍ୟମ ବଳରେ ସେ ଆଜି ଏ ସ୍ଥାନରେ ପହଞ୍ଚି ପାରିଛି । ତେଣୁ ଜଣେ ବ୍ୟକ୍ତି ଯଦି ପ୍ରଗାଢ଼ ନିଷ୍ଠା ସହ ଉଦ୍ୟମ କରେ ତେବେ ସେ ନିଜ ଲକ୍ଷ୍ୟ ପଥରେ ପହଞ୍ଚି ପାରିବ–ଏକଥା ଭିକାରି ଜୀବନକୁ ଅଧ୍ୟୟନ କଲେ ଜଣାପଡ଼ିଥାଏ । ମିଳୁଥିବା ସୁଯୋଗକୁ ସଦ୍‌ବ୍ୟବହାର କରିପାରିଲେ ଜଣେ ନିଶ୍ଚୟ ସଫଳତା ଅର୍ଜନ କରିପାରିବ । ଏଣୁ ଆମ୍ଭେମାନେ ଏକ ଦୃଢ଼ ଇଚ୍ଛାଶକ୍ତି ବଳରେ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନେଇ ଆଗେଇଲେ ନିଶ୍ଚୟ ଅଧିକ କୃତକାର୍ଯ୍ୟ ହେବା ।

**– ଶଶଧର ମହନୀ**
ମାଷ୍ଟର କଲୋନୀ, ଚରମ୍ପା, ଭଦ୍ରକ
ମୋ : ୭୯୭୮୫୦୬୬୪୬

# ମତାମତ

▸▸ ପିଲାମାନଙ୍କ ସାଧାରଣତନ୍ତ୍ର ଦିବସ ପାଳନ ସମ୍ପର୍କରେ ଜାଣିହେଲା ।

**–ସୁନନ୍ଦା ସାହୁ, ନୟାଗଡ଼**


▸▸ ଏଥର ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ପ୍ରକାଶିତ ତୁମ ତୂଳୀରେ ଚିତ୍ରଗୁଡ଼ିକ ସୁନ୍ଦର ହୋଇଥିଲା ।

**–ପ୍ରତାପ ମହାନ୍ତି, ରାଜକନିକା, କେନ୍ଦ୍ରାପଡ଼ା**

▸▸ 'କହିଲ ଦେଖି' ସ୍ତମ୍ଭଟି ପଢ଼ିବାକୁ ଭଲ ଲାଗୁଛି ।

**–ଦିନେଶ ଆଚାର୍ଯ୍ୟ, ରଘୁନାଥପୁର, ଭୁବନେଶ୍ୱର**

# ରଙ୍ଗ ଦିଅ



# ନିଆଁ ସେକ



ଥଣ୍ଡାରୁ ରକ୍ଷା ପାଇବା ପାଇଁ ନିଆଁ ସେକ ବହୁତ ଭଲ ଲାଗେ । କିନ୍ତୁ ବାହାରକୁ ଆରାମ ଲାଗୁଥିଲେ ବି ଏହା ସ୍ୱାସ୍ଥ୍ୟ ପାଇଁ ବିଭିନ୍ନ ଦିଗରୁ କ୍ଷତିକାରକ ।

ନିଆଁରେ ସେକ ନେବାର ଅଭ୍ୟାସ ସ୍ୱାସ୍ଥ୍ୟ ଉପରେ ବିପରୀତ ପ୍ରଭାବ ପକାଇଥାଏ । ପ୍ରଥମତଃ ଯଦି ବନ୍ଦ ଘର ଭିତରେ ନିଆଁ ଲଗାଇ ସେକ ନିଆଯାଏ ତେବେ ସେହି ସ୍ଥାନରେ ବାୟୁ ପ୍ରଦୂଷଣ ହୋଇଥାଏ । କାରଣ କାଠ ଜଳିବା ଫଳରେ ଅଙ୍ଗାରକାମ୍ଳ ଗ୍ୟାସ୍ ନିର୍ଗତ ହୋଇଥାଏ, ଯାହା ଆଖପାଖର ବାୟୁରେ ମିଶି ପ୍ରଶ୍ୱାସରେ ଶରୀର ମଧ୍ୟକୁ ଯାଇଥାଏ । ଏଭଳି ଏକ ପ୍ରଦୂଷିତ ପରିବେଶରେ ଅଧିକ ସମୟ ରହିବା ଦ୍ୱାରା ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥାଏ ।

ନିଆଁ ଜଳିବା ସମୟରେ ଯେଉଁ ଧୂଆଁ ବାହାରିଥାଏ ତା' ପ୍ରଭାବରେ ଶ୍ୱାସନଳୀରେ ଏକ ଯନ୍ତ୍ରଣା ହୋଇଥାଏ । ତେଣୁ ଅନେକ ସମୟରେ ନିଃଶ୍ୱାସପ୍ରଶ୍ୱାସରେ କଷ୍ଟ ଅନୁଭବ ହେବା ସହ କାଶ ମଧ୍ୟ ହୋଇଥାଏ । ଏଥିପାଇଁ ମୁଣ୍ଡବିନ୍ଧା, ମୁଣ୍ଡ ବୁଲାଇବା ଭଳି ଲକ୍ଷଣ ମଧ୍ୟ ଦେଖାଦେଇପାରେ ।


ନିଆଁ ଜଳିବା ସମୟରେ ଯେଉଁ ଧୂଆଁ ବାହାରେ ସେଥିପାଇଁ କେତେକଙ୍କର ଆଖି ପୋଡ଼େ, ଏପରିକି ବେଳେବେଳେ ତ୍ୱଚାରେ ମଧ୍ୟ କଷ୍ଟ ଅନୁଭବ ହୋଇଥାଏ । ଏହା ବ୍ୟତୀତ ତ୍ୱଚାରେ ଶୁଷ୍କତା ବଢ଼ିଥାଏ । ଫଳରେ ତ୍ୱଚାର ଅନ୍ୟ ସମସ୍ୟା ମଧ୍ୟ ଦେଖାଦିଏ ।

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ । ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ ।

**ଆମ ଠିକଣା**
dharitrifeature@gmail.com



# ପିଲା ଯଦି ବହି ପଢ଼ିବାକୁ ଚାହୁଁନି...

**ପାଠ ପଢ଼ି ଭଲ ମଣିଷ ହେବା ସହଜ କଥା ନୁହେଁ । ଏଥିପ୍ରତି ଆଗ୍ରହ ରହିବା ନିହାତି ଦରକାର । ତେବେ ଏଭଳି କ୍ଷେତ୍ରରେ ପିଲାମାନେ କିଭଳି ସଫଳତା ଅର୍ଜନ କରିବେ ସେ ବିଷୟରେ....**

ସବୁ ମାତାପିତା ଚାହାନ୍ତି ତାଙ୍କ ପିଲା ପାଠ ପଢ଼ି ହୁସିଆର ହେଉ ଏବଂ ବଡ ହୋଇ ଭଲ ମଣିଷଟିଏ ହେଉ। କିଛି ପିଲା ଏମିତି ଥାନ୍ତି ଯାହାଙ୍କର ପାଠ ପଢ଼ା ପ୍ରତି ଆଦୌ ଆଗ୍ରହ ନ ଥାଏ। ଏଭଳି ପରିସ୍ଥିତିରେ ତାଙ୍କ ମନରେ ପାଠ ପ୍ରତି ଆଗ୍ରହ ସୃଷ୍ଟି କରିବା କାଠିକର ପାଠ । ଯଦି ଆପଣ ଚାହାନ୍ତି ପିଲା ମନଲଗାଇ ପାଠ ପଢୁ ତେବେ ଏଠାରେ କେତୋଟି ଟିପ୍ସ ଦିଆଯାଉଛି, ଯାହାକୁ ଆପଣାଇ ପାରିବେ।

■ ଯଦି ଆପଣଙ୍କ ପିଲା ପାଠ ନାଁ ଶୁଣି ଦୌଡୁଛି ତେବେ ସବୁଠୁ ବଡ଼ କାରଣ ଘରେ ପାଠପଢ଼ାର ପରିବେଶ ନ ଥିବା ।

■ ଯଦି ଆପଣ ବାରମ୍ବାର ପିଲାକୁ ପାଠ ପଢ଼ିବାକୁ କହିବେ ତେବେ ତାକୁ ବହିଠାରୁ ଆହୁରି ଦୂରକୁ ନେଇଯିବ। ଏଥିପାଇଁ ତାକୁ ପାଠପଢ଼ାର ମାହୋଲ ଦିଅନ୍ତୁ। ଘରେ ଶାନ୍ତିଶୃଙ୍ଖଳା ରଖନ୍ତୁ। ପାଠପଢ଼ା ଲାଗି ପରିବେଶ ଶାନ୍ତ ରଖିବା ନିହାତି ଆବଶ୍ୟକ।

■ ପିଲାଙ୍କୁ ସବୁବେଳେ ପ୍ରଶଂସା କରନ୍ତୁ। ଯଦି ଆପଣ ସବୁବେଳେ ପିଲାର ଦୋଷ ଦୁର୍ବଳତା କାଢ଼ିବେ ସେ ପିଲା କେବେ ବି ଜୀବନରେ ଆଗକୁ ଯାଇପାରିବ ନାହିଁ। ଏହାଦ୍ୱାରା ସେମାନଙ୍କ ମନ ଦୁଃଖ ହେବ ଏବଂ ସେମାନେ କେବେ ବି ମନ ଲଗାଇ ପାଠପଢ଼ିପାରିବେ ନାହିଁ। ଏଥିପାଇଁ ପିଲାର ଛୋଟମୋଟ ସଫଳତାକୁ ନେଇ ତାକୁ ସବୁବେଳେ ଉତ୍ସାହିତ କରନ୍ତୁ। ଏପରି କରିବା ଦ୍ୱାରା ତା' ମନରେ ନୂଆ ଉତ୍ସାହ ସୃଷ୍ଟି ହୋଇପାରେ।

■ କେବେକେବେ ପିଲା ଦିନ ଭିତରେ ଏତେ ଥକି ଯାଇଥାନ୍ତି ଯେ ତାଙ୍କୁ ବହି ପଢ଼ିବା ସମୟରେ ନିଦ ଆସିବାକୁ ଲାଗେ। ଏମିତିରେ ଯଦି ସେମାନେ ପଢ଼ି ବସନ୍ତି ସେମାନେ ପଢୁଥିବା ପାଠ ମନେ ନ ରହିବା ସହିତ କିଛି ବୁଝି ମଧ୍ୟ ପାରନ୍ତି ନାହିଁ। ଏଥିପାଇଁ ସବୁବେଳେ ଚେଷ୍ଟା କରନ୍ତୁ ପିଲା ଅତିକମ୍‌ରେ ଆଠଘଣ୍ଟା ଶୋଇବା ଆବଶ୍ୟକ। ଏପରି କରିବା ଦ୍ୱାରା ତାଙ୍କ ବ୍ରେନ୍ ପାଠପଢ଼ା ସମୟରେ ଆକ୍ଟିଭ୍ ରହିବ ଏବଂ ପାଠପଢ଼ାରୁ ସେ ଜ୍ଞାନ ଆହରଣ କରିପାରିବ।

■ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ପିଲା ଯଦି ଯୋଗ କରିବେ ତାଙ୍କର ପାଠପଢ଼ାରେ ଏକାଗ୍ରତା ବଢ଼ିଥାଏ। ପିଲାକୁ ସବୁବେଳେ ଜଙ୍କ୍‌ଫୁଡ୍ ଖାଦ୍ୟଠାରୁ ଦୂରେଇ ରଖନ୍ତୁ। ପିଲାକୁ ସବୁବେଳେ ସୁଷମ ଖାଦ୍ୟ ଖାଇବାକୁ ଦିଅନ୍ତୁ ଏବଂ ପ୍ରତିଦିନ କିଛି ସମୟ ଖେଳିବାକୁ ଛାଡନ୍ତୁ। ଏହାଦ୍ୱାରା ତାଙ୍କର ମାନସିକ ଏବଂ ଶାରୀରିକ ସ୍ୱାସ୍ଥ୍ୟ ଭଲ ରହିବ ଏବଂ ସେମାନେ ଆପେ ଆପେ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ।

■ ପିଲାଙ୍କ ଉପରେ ପ୍ରେସର କିମ୍ବା ଟେନସନ୍ ଦେବା ବଦଳରେ ତାଙ୍କୁ ଏନ୍‌କରେଜ କରନ୍ତୁ। ଯଦି ପିଲାକୁ ସବୁବେଳେ ପାଠପଢ଼ାର ପ୍ରେସର ଦେବେ ତେବେ ତା' ମନରେ ନକାରାତ୍ମକ ଭାବନା ଜାଗ୍ରତ ହେବ। ଯାହା ତାକୁ ପାଠପଢ଼ାଠୁ ଦୂରେଇ ରଖିବ। ଆପଣ ପିଲାର ପାଠପଢ଼ାକୁ ନେଇ ତା' ଟିଚରଙ୍କ ସହିତ କଥା ହୁଅନ୍ତୁ। ଭଲ ରିସୋର୍ସ ବିଷୟରେ ତାଙ୍କଠାରୁ ପଚାରି ବୁଝି ନିଅନ୍ତୁ। ପିଲାକୁ ପାଠପଢ଼ା ସମୟରେ ବିଭିନ୍ନ ପ୍ରକାର ଉଦାହରଣ ଦେଇ ବୁଝାଇଲେ ସେମାନେ ତାକୁ ସହଜରେ ବୁଝିନେବେ। ଏହାଦ୍ୱାରା ତାଙ୍କ ପାଠପଢ଼ାରେ ମନ ଲାଗି ରହିବ। ଖେଳକୁଦ ଗୀତ ମାଧ୍ୟମରେ ପିଲାକୁ ଯଦି ପାଠ ପଢ଼ାଯାଏ ତେବେ ପିଲା ସେଇ ପାଠକୁ ଆଗ୍ରହର ସହ ପଢ଼ିବାକୁ ଲାଗିବ।

## ରୁଟିନ ମୁତାବକ ପାଠ ପଢ଼ିଥାଏ

ପାଠପଢ଼ାକୁ ମୁଁ କେବେ ଅବହେଳା କରେନା। କାରଣ ଯଦି ମୁଁ ପାଠ ନ ପଢ଼ିବି ତେବେ ଭବିଷ୍ୟତରେ କିଛି କରିପାରିବି ନାହିଁ। କ୍ଲାସ୍‌ରେ ସାର୍ ପଢ଼ାଇବା ବେଳେ ତାହାକୁ ଏକାଗ୍ରତାର ସହ ଶୁଣିଥାଏ। ତା'ପରେ ଘରକୁ ଆସିବା ପରେ ସେହି ପାଠକୁ ରିଭିଜନ କରେ। ପ୍ରତିଦିନ ମଧ୍ୟ ୩-୪ ପୃଷ୍ଠା ଯେମିତି ହେଲେ ଲେଖେ। କାରଣ ଲେଖିବାରେ ଅଭ୍ୟାସ ନ ରହିଲେ ତାହା ପରୀକ୍ଷା ସମୟରେ ସମସ୍ୟା ସୃଷ୍ଟି କରିବ। ପାଠପଢ଼ାକୁ ନେଇ ମା'-ବାପା ଯାହା ଟିପ୍ସ ଦିଅନ୍ତି ତାହାକୁ ଅନୁସରଣ କରେ। ଏଥିଲାଗି ମୁଁ ସବୁବେଳେ ରୁଟିନ୍ ଅନୁଯାୟୀ ପାଠ ପଢ଼ିଥାଏ।

**-ଲିପନ ସାହୁ,କ୍ଲାସ୍-୮,ସେଣ୍ଟ ଜାଭିୟର ହାଇସ୍କୁଲ, ଢେଙ୍କାନାଳ**







## ସମୟାନୁବର୍ତ୍ତୀ ହେବାକୁ ଚେଷ୍ଟା କରେ

ସମୟ ଅନୁସାରେ ଯଦି ସବୁ କାମ ନ ଚାଲେ ତେବେ ଅସୁବିଧାର ସମ୍ମୁଖୀନ ହେବାକୁ ପଡିପାରେ। ଏଥିପାଇଁ ମୁଁ ଜଣେ ଛାତ୍ର ହିସାବରେ ସବୁବେଳେ ସମୟାନୁବର୍ତ୍ତୀ ହେବାକୁ ଚେଷ୍ଟା କରେ। ତେଣୁ କେବଳ ପାଠ ପଢ଼ା ନୁହେଁ, ଖେଳକୁଦ ପାଇଁ ମଧ୍ୟ ମୁଁ ପ୍ରତିଦିନ ସମୟ ନିର୍ଘଣ୍ଟ କରିଛି ଏବଂ ସବୁବେଳେ ତାହାକୁ ଅନୁସରଣ କରେ। ପାଠ ପଢ଼ିବାରେ ଯଦି ମନ ନ ଲାଗେ, ତେବେ କିଛି ସମୟ ବୁଲାବୁଲି କରେ। କେବଳ ପାଠ ବହି ନୁହେଁ, ଅବସର ସମୟରେ ମହାପୁରୁଷଙ୍କ ଜୀବନୀ ବି ପଢ଼ିଥାଏ। କାରଣ ସେଥିରୁ ଜଣେ ଭଲ ମଣିଷ ହେବାକୁ କିଛି ନୀତିଶିକ୍ଷା ମିଳିଥାଏ।

**-ଆଶିଷ କୁମାର ତ୍ରିପାଠୀ,କ୍ଲାସ-୧୦,ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର,ମଧୁବନ,ପୁରୀ**





୧


୨



୩




୪


୫



୬

୭



ସାଇ ସୌରଭ ରାଉତ
କ୍ଲାସ୍-୪, ଲିଟିଲ୍ ହାର୍ଟ ଓଡିଏମ୍ ପବ୍ଲିକ ସ୍କୁଲ, ଅନୁଗୋଳ

୧

ଅଭିଲିପ୍ସା ରାଉତ
କ୍ଲାସ୍- ୧୦, ରଘୁନାଥ ଉଚ୍ଚ ବିଦ୍ୟାଳୟ, ମଙ୍ଗଳପୁର, ଯାଜପୁର



୨



ପ୍ରୀତିପୁଷ୍ପା ଦାଶ
କ୍ଲାସ୍-୪, ଜାଭେରିଆନ୍ ହାଇସ୍କୁଲ, ଆଦିମାତା କଲୋନୀ, ଗାଡ଼କଣ, ଭୁବନେଶ୍ୱର

୩

ଆରୋହୀ ଅନିନ୍ଦିତା
କ୍ଲାସ୍- ୪, ନାରାୟଣ ସ୍କୁଲ, କଟକ



୪



ଆୟୁଷ ମିଶ୍ର
କ୍ଲାସ୍- ୮, ବିଜେଇଏମ୍ ସ୍କୁଲ, ବିଜେବି ନଗର, ଭୁବନେଶ୍ୱର

୫

ଲିପାଲି ବିଦ୍ୟାବିଭୂଷିତା
କ୍ଲାସ୍-୧୦, ଗୁରୁ ନାନକ ଇଂଲିଶ ମିଡିୟମ୍ ପବ୍ଲିକ ସ୍କୁଲ, ପିପିଲି, ପୁରୀ



୬




ଅଗ୍ନିଜିତା ମିଶ୍ର
କ୍ଲାସ୍- ୬, ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ନୟାଗଡ଼

୭

ଲକ୍ଷ୍ମୀପ୍ରିୟା ପ୍ରଧାନ
କ୍ଲାସ୍- ୫, ନିମେଇଁପୁର ପ୍ରାଥମିକ ବିଦ୍ୟାଳୟ, ଭୁବନ, ଢେଙ୍କାନାଳ



୮


୮



## ଆସ ଉଡ଼ାଇବା ଗୁଡ଼ି

**କବିତା**

ଭାଇ ଭଉଣୀଏ ଆସ ମାଡ଼ି
ସାଙ୍ଗ ହୋଇ ଉଡ଼ାଇବା ଗୁଡ଼ି
ନଟେଇରୁ ସୂତା ଦେବା ଛାଡ଼ି
ଗୁଡ଼ି ଯିବ ଆକାଶକୁ ଉଡ଼ି।
ନାନା ରଙ୍ଗ ବେରଙ୍ଗର ଗୁଡ଼ି
ପବନରେ ଦୂରେ ଯିବ ଉଡ଼ି
ମନ ଖୁସିରେ ମାରିବା ତାଳି
କରିବାନି କାହା ସାଥେ କଳି।
ଆସ ଆମେ ଉଡ଼ାଇବା ଗୁଡ଼ି
ଗର୍ବ ଅହଙ୍କାର ରାଗ ଛାଡ଼ି
ଶୀତ ସକାଳେ ଘନ କୁହୁଡ଼ି
ହୁସିଆରେ ଚଳାଇବା ଗାଡ଼ି।
ଅଳସୁଆ ଭାବ ଦେବା ଛାଡ଼ି
ପଢ଼ାବେଳେ ଯିବା ପାଠ ପଢି
ପର ଦୁଃଖ କଷ୍ଟ ଦେବା ଫେଡି
ପ୍ରଭୁ ଆଶିଷ ଦେବେ ଅଜାଡ଼ି।

**– ଡ. ଶରତ କୁମାର ଚଉଁରୀ**
ଟିଚର୍ସ କଲୋନୀ, ପିପିଲି, ପୁରୀ
ମୋ:୯୪୩୭୫୫୧୨୦୩



## ମାଆର ଗାଳି

ମାଆର ଗାଳି ଭାତର ଥାଳି
ଲାଗଇ ଭାରି ଭଲ
ରାଗିଲେ ମୁହଁ କୋଳେଇ ନିଏ
କରଇ ମୋତେ ଗେଲ।
ହାତକୁ ତା'ର ଧରିକି ମୁଁ
ବାଟ ଚାଲିବା ଶିଖେ
ସଞ୍ଜ ହୋଇଲେ ଜଳାଇ ଡିବି
ପାଠକୁ ମୋର ଦେଖେ।
ଠାକୁର ପୂଜା କରିଲା ବେଳେ
ପାଖରେ ଥାଏ ବସି
ସେହି ଭୋଗକୁ ନିଜ ହାତରେ
ମୋତେ ଖୁଆଏ ହସି।
ଚାଟଶାଳୀକୁ ନେଇକି ଯାଏ
କାଖରେ ମୋତେ ଧରି
କୁହଇ ସେଠି ପଢ଼ିବୁ ପାଠ
ଯିବୁନି କେବେ ଡରି।
ମାଆର କଥା ପାଳନ ପରି
ପଢୁଛି ପାଠ ଭଲ
ସେଇଥିପାଇଁ ଗୁରୁ, ଗୁରୁ ମା'
କରନ୍ତି କେତେ ଗେଲ।

**– ଜୟନ୍ତ କୁମାର ମଲ୍ଲିକ୍**
ଶୂରଡ଼ିହ, ନନ୍ଦିପୁର, ଯାଜପୁର
ମୋ: ୯୪୩୭୮୬୫୭୨୭

## ମହୁରି ବାଜେ ପେଏଁ ପେଏଁ

ମହୁରି ବାଜେ ପେଏଁ ପେଏଁ
ଘଣ୍ଟ ଢାଉଁ ଢାଉଁ ,
କାଉ ବସାରେ କୋଇଲି ନାନୀ
ହେଉଛି କାଉଁ କାଉଁ।
ମାଦଳ ବାଜେ ଦୁମ୍ ଦୁମ୍
ବାଜା ଡମ୍ ଡମ୍ ,
ନେଡେଇ ଆଈ ପାଦରେ ବନ୍ଧା
ପାଉଁଜି ଛମ୍ ଛମ୍।
ଡମ୍ବରୁ ବାଜେ ଡମ୍ ଡମ୍
ଘଣ୍ଟା ଟଙ୍ଗ୍ ଟଙ୍ଗ୍,
ନଟିଆ ଅଜା ନିଶ ଫୁଲେଇ
ଦିଶୁଛି ଚଙ୍ଗ୍ ଚଙ୍ଗ୍।
କେନ୍ଦରା ବାଜେ କେଏଁ କେଏଁ
ଝାଞ୍ଜ ଝାଇଁ ଝାଇଁ,



ଚକରି ଦୋଳି ତଳୁ ଉପର
ଘୂରୁଛି ଘାଇଁ ଘାଇଁ।
ଖଞ୍ଜଣି ବାଜେ ଝମ୍ ଝମ୍
ଶଙ୍ଖ ପୁଉଁ ପୁଉଁ,
ଉଡ଼ାଜାହାଜ ଆକାଶେ ଉଡ଼େ
ଶବଦ ଘୁଉଁ ଘୁଉଁ।
ବେଙ୍ଗବାଇଦ କେଁ କଟର
ମଧୁର ଲାଗେ ଭାରି,
ଭଲକାମରେ ଆଗେଇ ଗଲେ
ଯିବାନି କେବେ ହାରି।

**– ଶରତ କୁମାର ଦାସ**
ବଡ଼ବିଲ ମହାବିଦ୍ୟାଳୟ,
ବଡ଼ବିଲ, କେନ୍ଦୁଝର
ମୋ: ୮୨୪୯୧୩୭୦୯୧

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

# ନିଆଁ ସହ ୧୦୦ ମିଟର




ବେଳେ ବେଳେ ରେକର୍ଡ କରିବା ପାଇଁ ଲୋକେ ଅଜବ କାମ ସବୁ କରିଥାନ୍ତି। ନିଜ ଜୀବନକୁ ବିପଦରେ ପକାଇ ଏମିତି ଏକ କାମ କରିଛନ୍ତି ଜୋନାଥନ୍ ଭେରୋ। ଜାପାନର ଏହି ବ୍ୟକ୍ତି ଜଣକ ନିଜ ଦେହରେ ନିଆଁ ଲଗାଇ ରାସ୍ତାରେ ଦୌଡ଼ି ଲୋକଙ୍କୁ ଆଶ୍ଚର୍ଯ୍ୟ କରି ଦେଇଛନ୍ତି। ଜୋନାଥନ୍ ଏଭଳି ଭାବେ ନିଆଁ ସହ ଦୌଡ଼ି ୧୦୦ ମିଟର ଅତିକ୍ରମ କରି ପାରିଛନ୍ତି। ତେବେ ଭିନ୍ନ କଥା ହେଉଛି ସାଙ୍ଗରେ ଅମ୍ଳଜାନ ଥଳି ନ ନେଇ ସେ ଦୌଡ଼ିଥିବାରୁ ଏବେ ଗିନିଜ୍ ରେକର୍ଡରେ ସ୍ଥାନ ପାଇଛନ୍ତି। ମାତ୍ର ୧୭ ସେକେଣ୍ଡରେ ଜୋନାଥନ୍ ୧୦୦ ମିଟର ଅତିକ୍ରମ କରିପାରିଛନ୍ତି। ଏଭଳି ଦୁଃସାହସିକ କାମ କରିବା ପାଇଁ ଛୋଟ ବେଳରୁ ଭଲପାନ୍ତି ଜୋନାଥନ୍। ସେ ଜଣେ ଅଗ୍ନିଶମ ଅଧିକାରୀ ଭାବେ କାମ କରନ୍ତି। କିନ୍ତୁ ଅନେକ ସମୟରେ ନିଆଁ ସହିତ ବିଭିନ୍ନ ପ୍ରକାର ଷ୍ଟଣ୍ଟ କରିବାକୁ ଭଲପାନ୍ତି। ଦେହରେ ନିଆଁ ଲଗାଇବା, ନିଆଁକୁ ପାଟି ଭିତରେ ପୂରାଇବା ଏମିତି ବିଭିନ୍ନ ପ୍ରକାର ଷ୍ଟଣ୍ଟ ସେ ପୂର୍ବରୁ ଲୋକଙ୍କ ଆଗରେ ପ୍ରଦର୍ଶିତ କରିଛନ୍ତି। ତେବେ ଗିନିଜ୍ ରେକର୍ଡ କରିବା ପାଇଁ ସେ ଦେହରେ ନିଆଁ ଲଗାଇ ମୋଟ ୨୭୨.୨୫ ମିଟର ପର୍ଯ୍ୟନ୍ତ ଦ୍ରୁତ ଗତିରେ ଦୌଡିଛନ୍ତି, ମାତ୍ର ଏହି ଦୂରତା ମଧ୍ୟରୁ ସେ ୧୦୦ ମିଟର ରାସ୍ତା ବିନା ଅମ୍ଳଜାନରେ ଯାଇଥିଲେ।

## ଏଥରର



- ଅର୍ଥନୀତିର ଜନକ କାହାକୁ କହନ୍ତି ?
- 'ୱିଙ୍ଗସ ଅଫ୍ ଫାୟାର' ପୁସ୍ତକର ଲେଖକ କିଏ ?
- କେଉଁ ମଶା କାମୁଡ଼ିଲେ ମ୍ୟାଲେରିଆ ରୋଗ ହୋଇଥାଏ ?
- ଦ୍ୱିତୀୟ ବିଶ୍ୱଯୁଦ୍ଧ କେବେ ଆରମ୍ଭ ହୋଇଥିଲା ?
- ଲୋକପ୍ରିୟ ଫୁଟ୍‌ବଲ ଖେଳାଳି ଲିଓନେଲ୍ ମେସି କେଉଁ ଦେଶର ?

## ଗତଥରର



- ମହାତ୍ମା ଗାନ୍ଧୀ
- ଗୁଜରାଟର ପୋରବନ୍ଦର
- ୧୩ ବର୍ଷ
- ୫
- ଗୋପାଳକୃଷ୍ଣ ଗୋଖଲେ

## କହିଲ ଦେଖି



ସଞ୍ଜ ନଇଁ ଯେବେ ରାତି ଆସଇ
ଆକାଶ ବୁକୁରେ ଫୁଟି ଉଠଇ
ଅଗଣିତ ଫୁଲ ପରାଏ ସେହି
ନୀଳ ଆକାଶରେ ସିଏ ଶୋଭଇ
କି ସୁନ୍ଦର ଦିଶେ ତାହାର ରୂପ
ସତେ କି ଜଳୁଛି ଆକାଶେ ଦୀପ।

ଉତ୍ତର– **ତାରା**

ଉପଗ୍ରହ ସିଏ ଧରା ମାଆର
ଶୀତଳ ଲାଗଇ କିରଣ ତା'ର
ପୂନେଇଁ ଦିନ ସେ ଖୁସିରେ ହସେ
ଅମାବାସ୍ୟା ଦିନ ଲୁଚେ ଆକାଶେ
ଶୁକ୍ଳ ପକ୍ଷେ ସେ ନିଇତି ବଢ଼େ
ଅନ୍ଧାର ପକ୍ଷ ସେ ନିଇତି ଘଟେ
ମାମୁ ବୋଲି ତାକୁ ଜନେ କୁହନ୍ତି
ଭାରି ଭଲ ଲାଗେ ତା' ରୂପ କାନ୍ତି।

ଉତ୍ତର– **ଜହ୍ନ**

ସକାଳ ହେଲେ ସେ ପୂରୁବ ଦିଗେ
ହସି ହସି ଦେଖା ଦିଅନ୍ତି ନଭେ
ଅନ୍ଧାର ଲୁଚଇ ତାଙ୍କ ଆଲୋକେ
ତାପ ବଢ଼ଇ ଧରଣୀ ବୁକେ
ଗ୍ରୀଷ୍ମ ଦିନେ ତାଙ୍କ ଆଲୋକ ଟାଣ
ଶୀତଦିନେ ଲାଗେ ଭାରି ନରମ
ପଶ୍ଚିମରେ ସିଏ ହୁଅନ୍ତି ଅସ୍ତ
ସିଏ ଲୁଚିଗଲେ ଆସଇ ରାତ୍ର।

ଉତ୍ତର– **ସୂର୍ଯ୍ୟ**

**– ରାମଚନ୍ଦ୍ର ବେହେରା**
ତେନ୍ତୁଳିପଦା,ଜଗତ୍‌ସିଂହପୁର
ମୋ: ୭୩୫୫୬୩୪୩୪୬

ଜଣା ଅଜଣା

# ଗଛଲତା ବି କଥା କୁହନ୍ତି

ଆପଣଙ୍କୁ ଏହା ଆଶ୍ଚର୍ଯ୍ୟ ଲାଗିଲେ ବି କଥାଟି ସତ। କାରଣ ଜାପାନର ବୈଜ୍ଞାନିକମାନେ ତାଙ୍କର ଏକ ଗବେଷଣାରୁ ଜାଣିବାକୁ ପାଇଛନ୍ତି ଯେ ମଣିଷଙ୍କ ପରି ଗଛଲତା ବି ବାର୍ତ୍ତାଳାପ କରିଥାନ୍ତି । ସେମାନେ ଏଥିରୁ ଜାଣିବାକୁ ପାଇଛନ୍ତି ଯେ ପାଖ ବୃକ୍ଷର ଯଦି କୌଣସି ବିପତ୍ତି ଲକ୍ଷ୍ୟ କରନ୍ତି ସେମାନେ ଅନ୍ୟ ଗଛକୁ ନିଜର ସୂଚନା ସୂଚାଇ ଦେଇଥାନ୍ତି। ବୈଜ୍ଞାନିକମାନେ ଏମିତି ୮୦ପ୍ରଜାତିର ବୃକ୍ଷର ସନ୍ଧାନ ପାଇଛନ୍ତି। ଯେଉଁମାନେ କି ସଙ୍କଟ ସମୟରେ ଉଭୟଙ୍କୁ ସହାୟତା କରିଥାନ୍ତି। ଜାପାନର ବୈଜ୍ଞାନିକଙ୍କ ଏକ ଟିମ୍ କିଛି ଦିନ ଭିଡିଓ ରେକର୍ଡିଂ କରିଥିଲେ ଯେଉଁଥିରେ ସେମାନେ ଦେଖିବାକୁ ପାଇଥିଲେ ବୃକ୍ଷମାନେ କିପରି ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ କରୁଛନ୍ତି । ନେଚର କମ୍ୟୁନିକେସନ୍ର ଷ୍ଟଡି ରିପୋର୍ଟରେ ଜାପାନର ସାଇଟମା ୟୁନିଭର୍ସିଟିର ମାଗାଜିନ୍ରେ ଏହି ତଥ୍ୟ ପ୍ରକାଶ ପାଇଥିବା ଉଲ୍ଲେଖ କରାଯାଇଛି। ଗବେଷକମାନେ ଗବେଷଣା ସମୟରେ ଏକ ଟମାଟୋ ବୃକ୍ଷରେ କିଛି ସଁବାଳୁଆ (କ୍ୟାଟରପିଲାର) ଛାଡିଥିଲେ। ହେଲେ ଛାଡିବାର କିଛି ସମୟ ପରେ ବୃକ୍ଷର ବ୍ୟବହାରରେ ପରିବର୍ତ୍ତନ ଦେଖିବାକୁ ମିଳିଥିଲା। ବୃକ୍ଷର କୋଷିକା ଗୁଡିକ ଆହୁରି ସକ୍ରିୟ ହେବା ଦ୍ୱାରା ଗଛର ପତ୍ରଗୁଡିକର ଚମକ ବଢ଼ିବାକୁ ଲାଗିଥିଲା।



# ପାରାଚୁଟ୍



ଆକାଶରେ ଉଡିବାକୁ ହେଲେ ପାରାଚୁଟ୍ ଆବଶ୍ୟକତା ପଡିଥାଏ। କିନ୍ତୁ ଆପଣ ଜାଣିଛନ୍ତି କି ଏହି ପାରାଚୁଟ୍ କେଉଁ କପଡାରେ ପ୍ରସ୍ତୁତ ହୋଇଥାଏ ? ବିଶେଷ ଭାବରେ ବିମାନରେ ଯାତ୍ରା କରୁଥିବା ସମୟରେ ଯଦି କୌଣସି ଦୁର୍ଘଟଣା ଘଟେ, ତେବେ ବିମାନ ଭିତରେ ଥିବା ଯାତ୍ରୀ ପାରାଚୁଟ୍ ସାହାଯ୍ୟରେ ତଳକୁ ସୁରକ୍ଷିତ ଭାବେ ଅବତରଣ କରିଥାଆନ୍ତି। ଏବେ ପାରାଚୁଟ୍ ଦ୍ୱାରା କେତେକ ସ୍କାଇ ଡ୍ରାଇଭ୍ କରିବାର ଦେଖିବାକୁ ମିଳୁଛି। କିନ୍ତୁ ପିଲାଏ, ଜାଣିଛ କି ଏହି ପାରାଚୁଟ୍ କ'ଣ ଏବଂ ଏହା କେମିତି ଉଡିଥାଏ ? ପାରାଚୁଟ୍ ଏପରି ଏକ ଉପକରଣ ଯାହା କୌଣସି ବସ୍ତୁର ଗତି ଏବଂ ବାତାବରଣ ମାଧ୍ୟମରେ ଏକ ଘର୍ଷଣ ପ୍ରକ୍ରିୟା ଉତ୍ପନ୍ନକୁ କମ୍ କରି ଦେଇଥାଏ। ଏହାକୁ ପ୍ରସ୍ତୁତ କରିବାକୁ ହେଲେ ମଜଭୁତ ଏବଂ ହାଲ୍କା କପଡା ବ୍ୟବହୃତ ହୋଇଥାଏ। ପାରାଚୁଟ୍ ସାଧାରଣତଃ ସିଲକ୍ କିମ୍ବା ନାଇଲନ୍ କପଡାରେ ପ୍ରସ୍ତୁତ ହୋଇଥାଏ। ପାରାଚୁଟ୍ ଯଦି ଠିକ ସମୟରେ ନ ଖୋଲେ ତେବେ ଏହାକୁ ଠିକ୍ ଭାବରେ ନ ରଖିବାର ଅନ୍ୟ ଏକ କାରଣ ହୋଇପାରେ। ଯଦି ପାରାଚୁଟ୍ରେ କେବେ ଉଡିବାକୁ ଇଚ୍ଛା କରୁଥାନ୍ତି ତେବେ ପ୍ରଥମେ ଭଲଭାବେ ପ୍ରଶିକ୍ଷଣ ନେଲାପରେ ହିଁ ପାରାଚୁଟ୍ ଉଡାନ୍ତୁ।



# ବିରାଡ଼ି ଅନ୍ଧାରରେ ଦେଖିପାରେ କିପରି

ସେଦିନ ରବିବାର ହୋଇଥାଏ। ମନୋଜବାବୁ ତାଙ୍କ ପୁତୁରା ରାଜୁ ଓ ରଶ୍ମିକୁ ପାଖରେ ବସାଇ ପାଠ ପଢ଼ାଉଥାନ୍ତି। ଏତିକି ବେଳେ ତାଙ୍କ ଭାଉଜ ଚା' ଆଣି ମନୋଜଙ୍କୁ ଦେଲେ । ଚା' ପିଇବାବେଳେ ମନୋଜ କହିଲେ, ଭାଉଜ ଆଜି ଚା' ଟିକିଏ ଅଲଗା ଜଣାପଡୁଛି । ଭାଉଜ କହିଲେ, ରାତିରେ ବିରାଡି ଆସି କ୍ଷୀର ପିଇଦେଲା। ତେଣୁ ଅମୁଲ ଗୁଣ୍ଡରେ ଚା' ତିଆରି କରିଦେଲି। ମନୋଜ କହିଲେ, ଠିକ୍ ଅଛି। ରଶ୍ମି ପଚାରିଲା, କକା ରାତିରେ ବିନା ଆଲୁଅରେ ଆମେ କିଛି ଦେଖିପାରୁ ନ ଥିବା ବେଳେ ବିଲେଇକୁ କିପରି ଦେଖାଯାଉଛି ? ମନୋଜବାବୁ କହିଲେ, ତୁମେ ଦୁହେଁ ଆଖିର ଗଠନ ସମ୍ପର୍କରେ କ୍ଲାସରେ ପଢ଼ିଥିବ। ବର୍ତ୍ତମାନ ରାଜୁ ତୁମେ କୁହ, ଆଖିରେ ଥିବା କନିନୀକାର କାମ କ'ଣ ? ରାଜୁ କହିଲା, ଏହା ଚକ୍ଷୁ ପିତୁଳାର ଆକାରକୁ ନିୟନ୍ତ୍ରଣ କରେ ଓ ଆବଶ୍ୟକ ପରିମାଣର ଆଲୋକ ଚକ୍ଷୁ ମଧ୍ୟକୁ ପ୍ରବେଶ କରାଏ। ମନୋଜ କହିଲେ, ଠିକ୍ କହିଛ। ବିରାଡିର ଆଖି ପୁଅ ବା ନେତ୍ରପିତୁଳା ଅନ୍ଧାରରେ ସବୁବେଳେ ବଡ ହୋଇ ରହିଥାଏ । ଫଳରେ ଅନ୍ଧାରରେ ବିଭିନ୍ନ ବସ୍ତୁରୁ ଆସୁଥିବା ଅତିକ୍ଷୀଣ ଆଲୋକରେଖା ନେତ୍ର ପିତୁଳା ଦେଇ ଅଧିକ ପରିମାଣରେ ତା'ର ଆଖି ଭିତରକୁ ପ୍ରବେଶ କରେ। ଆଖି ଭିତରେ ଥିବା ମୁକୁରିକା ଉପରେ ପଡ଼େ।

ରଶ୍ମି କହିଲା କକା, ଆମ ସାର କହୁଥିଲେ ଚକ୍ଷୁ ଭିତରେ କୋଷ ଓ ରଡସ୍ ନାମକ ଦୁଇ ପ୍ରକାର ଦୃଷ୍ଟିବାହୀ ସ୍ନାୟୁ ଥାଏ। ମନୋଜ କହିଲେ ସତ କଥା। ବିରାଡିର ଆଖିରେ ରଡସ୍ କୋଷଗୁଡ଼ିକ ଅଧିକ ପରିମାଣରେ ଥାଏ। ଏଗୁଡ଼ିକ ଅତିକ୍ଷୀଣ ଆଲୋକ ପ୍ରତି ସମ୍ବେଦନଶୀଳ। ଏମାନେ ଅନ୍ଧାରରେ ବେଶି ସକ୍ରିୟ ହୋଇ କାମ କରନ୍ତି। ଅନ୍ଧାର ରାତିରେ ବିଭିନ୍ନ ଜିନିଷରୁ ଆସୁଥିବା ଅତିକ୍ଷୀଣ ଆଲୋକରେଖା ସିଧାସଳଖ ଯାଇ ବିରାଡି ଆଖିର ମୁକୁରିକା ଉପରେ ଥିବା ରଡସ୍ କୋସ୍ ଉପରେ ପଡେ। ସଙ୍ଗେ ସଙ୍ଗେ ସେଠାରୁ ମୁକୁରିକାର ପଛରେ ଥିବା ଦର୍ପଣ ସଦୃଶ ଏକ ପତଳା ପରଦା ଉପରେ ପ୍ରତିଫଳିତ ହୁଏ। ଫଳରେ ବିରାଡି ଅନ୍ଧାରରେ ଅତି ସ୍ପଷ୍ଟ ଭାବେ ଜିନିଷକୁ ଦେଖିପାରେ।

ରଶ୍ମି ପଚାରିଲା କକା ତାହାହେଲେ ଆମ ଚକ୍ଷୁରେ ରଡସ୍ କୋଷ କମ୍ ଥାଏ, ଜୋନସ୍ କୋଷ ଅଧିକ ଥାଏ। ମନୋଜ କହିଲେ ଠିକ୍ କହିଛି। ଏହି ଜୋନସ୍ କୋଷ ଦିନବେଳେ ଚକ୍ଷୁରେ ବେଶି ସକ୍ରିୟ ଥାଏ। ତେଣୁ ଦିନବେଳା ଆମେ ସ୍ପଷ୍ଟ ଭାବେ ସବୁ ଜିନିଷକୁ ଦେଖିପାରୁ। ରାଜୁ ପଚାରିଲା, ରାତିରେ କୁକୁର, ଗୋରୁ ଓ ଅନ୍ୟାନ୍ୟ ଜୀବଜନ୍ତୁ ଦେଖିପାରନ୍ତି କି ? ମନୋଜ କହିଲେ, ଏମାନଙ୍କର ମଧ୍ୟ ଜୋନସ୍ ଅପେକ୍ଷା ରଡସ୍ କୋଷ ଅଧିକ ପରିମାଣରେ ଥାଏ। ଆଉ ଗୋଟେ ବିଷୟ ମଧ୍ୟ ମନେରଖ, ଆମ ଆଖିରେ ଜୋନସ୍ କୋଷଗୁଡ଼ିକ ବିଭିନ୍ନ ପ୍ରକାର ରଙ୍ଗ ଚିହ୍ନିବାରେ ସାହାଯ୍ୟ କରିଥାଏ। କିନ୍ତୁ ବିରାଡ଼ି ଓ ଅନ୍ୟ ଜୀବଜନ୍ତୁର ଏଭଳି କ୍ଷମତା ନାହିଁ। ବର୍ତ୍ତମାନ ୯ଟା ବାଜିଲାଣି "ମୋର ଅନ୍ୟ କାମ ଅଛି। ଆଉ ଦିନେ କେବେ ଆସିଲେ ବିରାଡିର ଆଖି କିପରି ଅନ୍ଧାରରେ ନିଆଁଖଣ୍ଡ ଜଳିଲା ଭଳି ଜଣାପଡ଼େ ସେ ବିଷୟରେ ଆଲୋଚନା କରିବା"। ରାଜୁ କହିଲା, ଆଜି ରବିବାର କକା, ଆମେ ଆମର ପାଠ ପଢ଼ା ସାରିଦେଇଛୁ,ତେଣୁ ଦୟା କରି ଆମକୁ କୁହନ୍ତୁ ବିରାଡିର ଆଖି କିପରି ଅନ୍ଧାରରେ ନିଆଁଖଣ୍ଡ ଜଳିଲା ଭଳି ଦେଖାଯାଏ। ମନୋଜ ବାବୁ କହିଲେ, ବିରାଡ଼ି ଆଖିର ମୁକୁରିକା ପଛକୁ ଯେଉଁ ପତଳା ପରଦା ରହିଛି, ତାହାକୁ ଲୁମିନସ୍ ଟେପେଟମ୍ କୁହାଯାଏ। ତାହା ଏକପ୍ରକାର ତରଳ ରାସାୟନିକ ପଦାର୍ଥରେ ତିଆରି । ଏହା ଉପରେ ଆଲୋକ ପଡ଼ିଲେ ସଙ୍ଗେ ସଙ୍ଗେ ପ୍ରତିଫଳିତ ହୋଇଯାଏ। ପୁଣି ଅନ୍ଧାର ରାତିରେ ବିରାଡି ତା'ର ନେତ୍ରପିତୁଳାକୁ ସବୁବେଳେ ବଡ଼ କରି ରଖୁଥିବାରୁ ଏହି ପ୍ରତିଫଳିତ ଆଲୋକ ତା'ର ଆଖିପତା ଦେଇ ବାହାରକୁ ଆସିଲା ବେଳେ ତା' ଆଖିରେ ନିଆଁଖଣ୍ଡ ଜଳିଲା ଭଳି ଦେଖାଯାଏ। ଦୁହେଁ ମିଶି ଏକାସ୍ୱରରେ କହିଲେ,ଆଜିର ଆଲୋଚନା ବଢ଼ିଆ ଲାଗିଲା କକା।



–ବିନୋଦ ଚନ୍ଦ୍ର ଜେନା, ଭିକ୍ଟୋରି କଲୋନୀ,ପାରଳାଖେମୁଣ୍ଡି,ଗଜପତି
ମୋ:୭୭୩୫୨୨୨୭୧୩

# ଆଇନା



ଦିବ୍ୟାଂଶା ଓଝା

୫ ବର୍ଷ / ଯାଜପୁର



ସୁଘନା ଦାସ

୫ ବର୍ଷ / ଭୁବନେଶ୍ୱର